# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 July – 2025**

# ଚାଷୀ ପଞ୍ଜୀକରଣ

ରାଜ୍ୟରେ ଖରିଫ୍ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି । ଆସନ୍ତା ମାସ ୨୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ତେବେ ଆବଶ୍ୟକସ୍ଥଳେ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ପଞ୍ଜୀକରଣ ଅବଧି ବୃଦ୍ଧି କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

**V/O**

# ଗରିମା କର୍ମଶାଳା

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଚାଲିଥିବା ଦୁଇଦିନିଆ ଜାତୀୟ ଗରିମା କର୍ମଶାଳା ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପରିମଳ କର୍ମଚାରୀଙ୍କ ଅଧିକାର, ସୁରକ୍ଷା ନେଇ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଥିଲେ, ଏହି ଜାତୀୟ ସ୍ତରୀୟ କର୍ମଶାଳା ପ୍ରତ୍ୟେକବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି ।

# ଜନଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ଅନୁଷ୍ଠିତ ହେବ । ପଞ୍ଜୀକୃତ ହୋଇଥିବା ଏକହଜାର ଆବେଦନକାରୀଙ୍କର ଅଭିଯୋଗର ଆଜି ଶୁଣାଣି

କରାଯିବ । ସକାଳ ୮ଟାରୁ ଭୁବନେଶ୍ୱର ୟୁନିଟ୍-୨ ଅଶୋକନଗର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ବାର୍ଡଫ୍ଲୁ

ଖୋର୍ଦ୍ଧା ଜିଲ୍ଲାରେ ବାର୍ଡଫ୍ଲୁ ସ୍ଥିତି ନେଇ ଗତକାଲି ପୁନଃ ସମୀକ୍ଷା କରାଯାଇଛି । ସର୍ବେକ୍ଷଣ ଦଳଗୁଡ଼ିକ ପ୍ରଭାବିତ ଅଞ୍ଚଳର କୁକୁଡ଼ା ଫାର୍ମରେ ପରିସ୍ଥିତିର ଯାଞ୍ଚ କରିଛନ୍ତି । ୪ଟି କୁକୁଡ଼ା ଫାର୍ମକୁ ସଂପୂର୍ଣ୍ଣ ବିଶୋଧନ କରାଯାଇଥିବା ବେଳେ ଆସନ୍ତା ୫ ଦିନ ମଧ୍ୟରେ ଆହୁରି ୨୦ଟି କୁକୁଡ଼ା ଫାର୍ମ ବିଶୋଧନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସର୍ବେକ୍ଷଣ ଦଳ ପକ୍ଷରୁ ସୂଚନା ଦିଆଯାଇଛି ।

## ହେପାଟାଇଟ୍ସ ଦିବସ

ଯକୃତ ବା ଲିଭର୍ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ଲାଗି ଆଜି ବିଶ୍ୱ ହେପାଟାଇଟ୍ସ ଦିବସ ପାଳନ କରାଯାଉଛି । ୨୦୧୦ ମସିହାରୁ ଏହି ଦିବସ ପାଳନ ହୋଇଆସୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁସାରେ ପୃଥିବୀରେ ପ୍ରତି ୩୦ ସେକେଣ୍ଡରେ ଜଣେ ହେପାଟାଇଟସ୍ ଆକ୍ରାନ୍ତ ରୋଗୀଙ୍କ ମୃତ୍ୟୁ ହୋଇଥାଏ। ଚଳିତବର୍ଷ ହେପାଟାଇଟ୍ସ ଦିବସର ବାର୍ତ୍ତା ହେଉଛି "ଆସନ୍ତୁ, ସଚେତନ ଓ ସକ୍ରିୟ ରହି ଭାଇରାଲ୍ ହେପାଟାଇଟ୍ସ ବିରୁଦ୍ଧରେ କାର୍ଯ୍ୟ କରିବା ଏବଂ ଏହାର ଶୃଙ୍ଖଳକୁ ପ୍ରତିହତ କରିବା" । ଜଣେ ନବଜାତ ଶିଶୁକୁ ଜନ୍ମ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ହେପାଟାଇଟ୍ସ

ପ୍ରତିଷେଧକ ଟିକା ଦିଆଯିବା ନିତାନ୍ତ ଜରୁରୀ । ଏହି ଟିକା ସବୁ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ ହୋଇପାରୁଛି ।

ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ମଧ୍ୟ ଆଜି ପାଳନ କରାଯାଉଛି । ପ୍ରାକୃତିକ ପରିବେଶର ସୁରକ୍ଷା ସହିତ ପ୍ରାଣୀମାନଙ୍କର ସଂରକ୍ଷଣ ଲାଗି ଆଜି ଏହି ଦିବସ ପାଳନ କରାଯାଉଛି । ଭବିଷ୍ୟତ ପିଢିଙ୍କ ପାଇଁ ପରିବେଶ ସଂରକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସୁସ୍ଥ ପୃଥିବୀ ଗଠନ ଦିଗରେ ସମସ୍ତଙ୍କର ଗୁରୁଦାୟିତ୍ୱର ସଚେତନତା ବାର୍ତ୍ତା ନେଇ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଉଛି ।

# ଗାଡ଼ି ପଞ୍ଜୀକରଣ

ପଞ୍ଜୀକରଣ ବାତିଲ ହୋଇଥିବା ଗାଡ଼ିଗୁଡ଼ିକର ଚଳାଚଳ ଉପରେ କଟକଣା ଲାଗୁ କରିବାକୁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି । କ୍ରମାଗତ ୫ଥର ଚାଲାଣ କଟିବା ପରେ ନୋଟିସ୍‌ର ଉତ୍ତର କିମ୍ବା ଜୋରିମାନା ଅର୍ଥ ପଇଠ କରୁନଥିବା ଗାଡ଼ି ଗୁଡ଼ିକର ପଞ୍ଜୀକରଣ ରଦ୍ଦ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ରାଜ୍ୟ ପରିବହନ ପ୍ରାଧିକରଣ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି କରିଛି ।

# ଖସାପଡ଼ା ଲାଗି

ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଖସାପଡ଼ା ଲାଗି ନୀତି ଆଜି ଶ୍ରାବଣ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ନୀତି ଶେଷ ହେବା ପରେ ଏହି ଗୁପ୍ତନୀତି ହେବ। ଏହି ନୀତି ପାଇଁ ସଂଧ୍ୟା

୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଲୋକଅଦାଲତ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରେ ଜିଲ୍ଲାସ୍ତରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଲୋକଅଦାଲତରେ ୨୦ଟି ମାମଲାର ଆପୋଷ ସମାଧାନ ହୋଇଥିବା ଜଣାପଡ଼ିଛି।

## ବନ୍ୟା

ଯାଜପୁର ଜିଲ୍ଲାର ଯାଜପୁର ଏବଂ ଦଶରଥପୁର ବ୍ଲକର ୧୩ଟି ପଞ୍ଚାୟତର ୨୪ଟି ଗାଁ ବୈତରଣୀ ନଦୀ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ୬ ହଜାର ୫୯୪ ଜଣ ପ୍ରଭାବିତ ହୋଇଥିବା ବେଳେ ୬୪୪ ଜଣଙ୍କୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ଦୁଇଟି ରିଲିଫ ଶିବିରରେ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ସ୍ୱତନ୍ତ୍ର ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଅମ୍ବର କୁମାର କର ଆଭାସୀ ମାଧ୍ୟମରେ ବନ୍ୟା ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି । ୪ଟି ମେଡ଼ିକାଲ ଏବଂ ଗୋଟିଏ ପଶୁ ଚିକିତ୍ସା ଦଳ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ରହିଥିବା ସମୀକ୍ଷାରୁ ଜଣାପଡ଼ିଛି ।

## ବନ୍ୟା

ବୈତରଣୀ ନଦୀ ବନ୍ୟାରେ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀ

ଧାମନଗର, ଭଣ୍ଡାରୀପୋଖରୀ ଏବଂ ତିହିଡ଼ି ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳର ସମୀକ୍ଷା କରିବା ସହ ପ୍ରଭାବିତ ଲୋକଙ୍କ ସହିତ ଆଲୋଚନା କରିଛନ୍ତି । ସେହି ଅଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି । ବହୁ ଚାଷଜମି ଜଳମଗ୍ନ ହୋଇଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ସାହାଣୀ କପ୍

ସାହାଣୀ କପ୍ ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଟାଇଟଲ୍  ହାସଲ ପାଇଁ କଟକ ଏବଂ ସମ୍ବଲପୁର ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଦୁଇ ଦଳ ମଧ୍ୟରେ ଦୁଇଟି ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ସ୍ଥିର ହୋଇଛି । ଆସନ୍ତା ପହିଲାରେ ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ପ୍ରଥମ ଏବଂ ୩ ତାରିଖରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଦ୍ୱିତୀୟ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ବ୍ରହ୍ମପୁର ଜୋନ୍‌ର ଗତକାଲି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଟ୍ରାଇ ବେକର ଜରିଆରେ ସମ୍ବଲପୁର ୫-୪ ଗୋଲ୍‌ରେ କୋରାପୁଟକୁ ପରାସ୍ତ କରିଛି ।

*******************************************************